ଧରିତ୍ରୀ
DHARITRI
ବୁଧବାର, ୧୮ ମେ, ୨୦୨୨

**ଜାଗା ସମ୍ପର୍କ ମାଧମରେ ବସ୍ତିବାସିନ୍ଦାଙ୍କ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ**

ଜୟପୁର, (ନି.ପ୍ର.): ଜୟପୁର ପୌରପାଳିକା ପକ୍ଷରୁ ଜାଗା ସମ୍ପର୍କ ମାଧମରେ ବସ୍ତି ବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ନେଇ ଏକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହାୟତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।



## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଗୁଡାରୀ, ୧୭।୫(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ରାୟଗଡା ଜିଲାପାଳ ଡକ୍ଟର ସରୋଜ କୁମାର ମିଶ୍ର ଯୋଗ ଦେଇ ୫୦ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଗୁଡାରି ବ୍ଲକ ର ଓଁ ନମଃ ଏସ୍ଏଚ୍‌ଜି ଦ୍ୱାରା ନିର୍ମିତ ହୋଇଥିବା ଅସ୍ଥାୟୀ ମିଲେଟ ଶକ୍ତି ଟିଫିନ୍ ସେଣ୍ଟରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସେଠାରେ ମାଣ୍ଡିଆ ଲଡୁ, ସୁଆଁ ଖିରି, ମାଣ୍ଡିଆ ଯାଉ, କାଙ୍ଗୁ ବିରିଆନି ଆଦି ଖାଦ୍ୟ ମିଳିଥିଲା। ଏହି ଭଳି ଟିଫିନ୍ ସେଣ୍ଟର କମ ଦିନରେ ଗୁଡାରୀ ସହରରେ ନିୟମିତ ଖୋଲିବ ବୋଲି ବ୍ଲକ ମିଶନ ଶକ୍ତି ବିପିସି କ୍ରାନ୍ତି ପାଢ଼ୀ କହିଛନ୍ତି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ଜେ. ସୋନାଲ, ସିଡିଏମ୍‌ଓ ଲାଲମୋହନ ରାଉତରାୟ, ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀ ଶବର, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ପୂର୍ଣ୍ଣଚନ୍ଦ୍ର ଚୋଧୁରୀ, ଜିଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଅଭିଯୋଗ ଶୁଣାଣି ଅଧିକାରୀ ମଧୁମିତା ପାମେଲା କର, ଗୁଡାରୀ ତହସିଲଦାର ଭାରତୀ ଦେବୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ରେଡ୍‌କ୍ରସରୁ ୨ଜଣଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅଭିଯାଗର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୁଡାରୀ ବିଡିଓ ନୃସିଂହ ଚରଣ ସେଠୀ ପରିଚାଳନା କରିଥିଲେ। ଗୁଡାରୀ ଥାନାଧିକାରୀ ଉପସ୍ଥିତ ଥିଲେ।

### ଗ୍ରାମ୍ୟ ମଣ୍ଡପ ଉଦ୍‌ଘାଟିତ



**ରାୟଗଡା ଅଫିସ, ୧୭।୫(ଡି.ଏନ୍.ଏ.):** ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଥେରୁବାଲି ପଞ୍ଚାୟତ ବରିଗୁଡା ଗ୍ରାମରେ ତିଆରି କରାଯାଇଥିବା ଗ୍ରାମ୍ୟ ମଣ୍ଡପ ଶୁଭ ଉଦ୍‌ଘାଟନ କରାଯାଇଛି। ଇମ୍ଫା ଶିଳ୍ପ ଗୋଷ୍ଠୀ ସଚୀବାଳୟ ମୁଖ୍ୟ ପ୍ରେମ ଖଣ୍ଡେଲୱାଲ, କବିତା ଖଣ୍ଡେଲୱାଲ, ଇମ୍ଫା-ଥେରୁବାଲି ଉପସଭାପତି ଆଶିଷ ରାୟ, ସୋମା ରାୟ ଓ ଥେରୁବାଲି ସରପଞ୍ଚ ମମତା ପୁଲକା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିଥିମାନେ ଫାଉଣ୍ଡେଶନ ଦ୍ୱାରା ସ୍ଥାପିତ ନଳକୂପକୁ ଓ ଗ୍ରାମ୍ୟ ମଣ୍ଡପ ଉଦ୍‌ଘାଟନ କରିଥିଲେ। ଇମ୍ଫା ଏମ୍ପ୍ଲୋଇଜ କ୍ଲବରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଗ୍ରାମୀଣ ମହିଳା ସିଲେଇ ତାଲିମ କେନ୍ଦ୍ରରେ ତାଲିମ ନେଉଥିବା ଯୁବତୀ ଓ ମହିଳାଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଇମ୍ଫା ଉପମୁଖ୍ୟ ପ୍ରବନ୍ଧକ କଲୋଲ ନାୟକ, ସାମାଜିକ ଅନୁଷ୍ଠାନ ପଲ୍ଲୀ ବିକାଶ ନିର୍ଦ୍ଦେଶକ ରାଧାଶ୍ୟାମ ପଣ୍ଡା ଉପସ୍ଥିତ ଥିଲେ। ଇମ୍ଫା ର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫାଇଦା ଉଠାଉଛି ପଡ଼ୋଶୀ ଆନ୍ଧ୍ର

**ସୀମାନ୍ତ ଗ୍ରାମରେ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁନି**

- ମନ୍ଥର ଗତିରେ ଚାଲିଛି ଅଙ୍ଗନୱାଡି ଗୃହ ନିର୍ମାଣ
- ତାଟମାମାଡି ନଦୀରେ ଓଡ଼ିଶାର ବ୍ରିଜ୍ ନିର୍ମାଣରେ ରୋକ ଲଗାଇଛି ଆନ୍ଧ୍ର
- ଓଡ଼ିଶା ପକ୍ଷରୁ ୧୦ ଜଣଙ୍କୁ ମିଳିଛି ଆବାସ ଗୃହ

**ପଟ୍ଟାଙ୍ଗୀ,୧୭।୫(ଡି.ଏନ.ଏ.)**

ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ପ୍ରଶାସନିକ ଅଧିକାରୀମାନଙ୍କ ପାଦ ପଡୁନି। ଫଳରେ ଏହାର ଫାଇଦା ଉଠାଇ ଚାଲିଛି ପଡୋଶୀ ଆନ୍ଧ୍ର। ଏପରି ଅଭିଯୋଗ ଆଣିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ସୀମାନ୍ତ ଗ୍ରାମବାସୀ। ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଳଗୋଲୁର ପଞ୍ଚାୟତର ୧୦ନଂ ୱାର୍ଡର ବାଙ୍ଗାରଗୁଡି ଗ୍ରାମ ପଡୋଶୀ ରାଜ୍ୟ ଆନ୍ଧ୍ର ସୀମାକୁ ଲାଗି ରହିଛି। ଉକ୍ତ ଗ୍ରାମରେ ୩୫ଟି ଘର ରହିଥିବା ବେଳେ ଜନସଂଖ୍ୟା ୧୨୦ ରହିଛି। ବ୍ଲକ ପ୍ରଶାସନ ଦ୍ୱାରା ପାନୀୟଜଳଠାରୁ ଆରମ୍ଭ କରି ରାସ୍ତା, ଶିକ୍ଷା ଅଙ୍ଗନୱାଡ଼ି, ଭତ୍ତା ଓ ଚାଉଳ ଆଦି ସୁବିଧା ଗ୍ରାମବାସୀଙ୍କୁ ମିଳୁଛି। ତେବେ ଏହି ଗ୍ରାମରେ ବିଧାୟକ କିମ୍ବା ବିଡିଓ ଏବଂ ଶିଶୁ ବିକାଶ ଅଧିକାରୀଙ୍କ ପାଦ କେବେ ପଡିନାହିଁ ବୋଲି ଗ୍ରାମବାସୀ ପ୍ରକାଶ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ଗ୍ରାମରେ ଗତ ଦୁଇ



ଆନ୍ଧ୍ର ପକ୍ଷରୁ ଆଧାର, ସ୍ୱାସ୍ଥ୍ୟସେବା କାର୍ଡ ପାଇଥିବା ଗ୍ରାମବାସୀ ଦେଖାଉଛନ୍ତି।

ବର୍ଷ ତଳେ ପଟ୍ଟାଙ୍ଗୀ ବ୍ଲକ ପକ୍ଷରୁ ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଅର୍ଦ୍ଧନିର୍ମିତ ଏହି ଗୃହରେ ଗ୍ରାମର ଗୋରୁଗାଈଙ୍କୁ ରଖା ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଓଡ଼ିଶା ସରକାରଙ୍କ ପକ୍ଷରୁ ୧୦ ଜଣଙ୍କୁ ଆବାସ ଗୃହ ମିଳିଛି। ତେବେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀମାନଙ୍କ କେତେକ ମାତ୍ରାରେ ଅବହେଳା ଆନ୍ଧ୍ର ସରକାରଙ୍କୁ ଫାଇଦା ଦେଉଛି। ବାଙ୍ଗାରଗୁଡି ଗ୍ରାମକୁ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ପାସପେଣ୍ଡା ବ୍ଲକ ଅଧୀନରେ ରଖିଛି। ଏହି ଗ୍ରାମ ମଦୁଲୁ ପଞ୍ଚାୟତର ୮ନଂ. ୱାର୍ଡରେ ରହିଥିବା ଦର୍ଶାଇ ୨୫ ଜଣଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେଇଛି। ୫ ଜଣଙ୍କୁ ଭତ୍ତା ଦେଉଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମାତ୍ର ୨ ଜଣଙ୍କୁ ଭତ୍ତା ମିଳୁଛି। ସେହିପରି ଏହି ଗ୍ରାମ ନିକଟରେ ଥିବା ତାଟମାମାଡି ନଦୀ ଉପରେ ଓଡ଼ିଶା ସରକାର ଏକ ବ୍ରିଜ୍ ନିର୍ମାଣ ଲାଗି ପଦକ୍ଷେପ ନେଉଥିବା ବେଳେ ଉକ୍ତ ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ର ପକ୍ଷରୁ ବନ୍ଦ କରାଯାଇଛି। ଏହି ବ୍ରିଜ୍ ନିର୍ମାଣ ହେଲେ ବାଙ୍ଗାରଗୁଡି ଗ୍ରାମଠାରୁ ଆନ୍ଧ୍ରର ପାସପେଣ୍ଡା ବ୍ଲକ ୧୪ କିଲୋମିଟର ହେବ ବୋଲି ଗ୍ରାମର ଗେମେଲ ଆପାରାଓ ଏବଂ ମାମିଡି ଚିନା ଏଣ୍ଡାୟା କହିଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ବର୍ଷକୁ ୧୫ ହଜାର ଟଙ୍କା ମିଳୁଥିବା ବେଳେ ଓଡ଼ିଶା ପକ୍ଷରୁ ଖାଲି ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇ ପାଠ ପଢାଇବାକୁ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ଆନ୍ଧ୍ର ଭତ୍ତା, ଚାଉଳ ଏବଂ ବିଦ୍ୟୁତ୍ ସେବା ଯୋଗାଇ ଦେଇଛି। ଅଟକି ରହିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ଆପାରାଓ ଏବଂ ଏଣ୍ଡାୟା ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବାଙ୍ଗାରଗୁଡି ଗ୍ରାମ ପୂର୍ବରୁ କାଟ୍ରାଗୁଡା ନାମକ ଏକ ଗ୍ରାମ ପଡେ। ଏଠାରେ ବସବାସ କରୁଥିବା ୧୩ଟି ପରିବାର ଆନ୍ଧ୍ରର ହୋଇଥିବା ବେଳେ ଓଡ଼ିଶା ଜାଗାରେ ସେମାନଙ୍କୁ ଆନ୍ଧ୍ର ସରକାର ଆବାସ ଗୃହ ଯୋଗାଇ ଦେଇଛନ୍ତି। ବାଙ୍ଗାରଗୁଡି ବିଦ୍ୟାଳୟରେ ୧୮ ଜଣ ପିଲା ପାଠ ପଢୁଛନ୍ତି। ଓଡ଼ିଶାର ଅଙ୍ଗନୱାଡି ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ଅଙ୍ଗନୱାଡି କର୍ମୀ ଗ୍ରାମରେ ପହଞ୍ଚି ପିଲାଙ୍କୁ ନେଇ ଗ୍ରାମର ଜଣକ ଘର ପିଣ୍ଡାରେ ବସାଇ ପଢାଉଥିବା ବେଳେ ଆନ୍ଧ୍ରର ଅଙ୍ଗନବାଡ଼ି କର୍ମୀ ବାଙ୍ଗାରଗୁଡି ଗ୍ରାମରେ ପହଞ୍ଚି ପିଲାଙ୍କୁ ଏକ ଟାଇଲି ଛପର ଘରେ ବସାଇ ପାଠ ପଢାଉଥିବା ଦେଖିବାକୁ ମିଳୁଛି।

### କୂଅରେ ପଡ଼ିଗଲେ ବୃଦ୍ଧ



**ଜୟପୁର, ୧୭।୫ (ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ଗ୍ରାମରେ ଥିବା ଏକ କୂଅରେ ମଙ୍ଗଳବାର ଜଣେ ବୃଦ୍ଧ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଗୃପଧର ହାଲବା (୭୫)। ଗୃପଧରଙ୍କର ଉଚ୍ଚ ରକ୍ତଚାପ ରହିଛି। ସକାଳେ ସେ କୂଅ ନିକଟରେ ଦାନ୍ତ ଘଷୁଥିବା ବେଳେ ମୁଣ୍ଡ ବୁଲାଇଦେବାରୁ କୂଅରେ ପଡ଼ିଯାଇଥିଲେ। ଖବର ପାଇ ଦମକଳ ବାହିନୀ କର୍ମଚାରୀ ରମାକାନ୍ତ ତୁମୁନିଆ, ତୁଳାରାମ ସାହୁ ଓ କମଳଲୋଚନ ମାଝି ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଦ୍ଧାର କରିବା ବେଳେ ୨ ଜଣ ଦମକଳ ବାହିନୀ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି।

### କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ବୈପାରିଗୁଡ଼ା,୧୭।୫(ଡି.ଏନ୍.ଏ.)**

କାଳବୈଶାଖୀରେ ବୈପାରିଗୁଡ଼ା ବ୍ଲକର ଗାଦବାଗୁଡ଼ା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ଗ୍ରାମର ବଳରାମ ମୁଣ୍ଡାଗୁଡ଼ିଆ, ଗୌରୀ ପାମିଆ, ସୋନି ରୁଡାରି, ଡମୁଣି ପାମିଆ ଓ ସନୁ ଆଇଜାଙ୍ଗଙ୍କ ବାସଗୃହ ନଷ୍ଟ ହୋଇଛି। ।ଅଗ୍ନିଶମ କର୍ମଚାରୀ ଗ୍ରାମରେ ପହଞ୍ଚି ଗଛ କାଟି ସଫା କରଛନ୍ତି। ସେହିପରି ବ୍ଲକର ଦଣ୍ଡାବାଡ଼ ଗ୍ରାମରେ ଗଛ ପଡ଼ି ଗୋପାଳ ଖିଲଙ୍କ ଏକ ବଳଦର ମୃତ୍ୟୁ ହୋଇଛି । କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

### ସେମିଳିଗୁଡ଼ାରୁ ୧୨ ପ୍ରତିଯୋଗୀ

**ସୁନାବେଡ଼ା,୧୭।୫(ସ୍ୱ. ପ୍ର.)**

**ପୂର୍ବ ଭାରତୀୟ ଜୋନାଲ କରାଟେ ଚାମ୍ପିୟନଶିପ**

ଚଳିତ ମାସ ୨୦ରୁ ୨୨ ପର୍ଯ୍ୟନ୍ତ ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଦ୍ୱିତୀୟ ପୂର୍ବ ଭାରତୀୟ ଜୋନାଲ କରାଟେ ଚାମ୍ପିୟନଶିପ ପ୍ରତିଯୋଗିତା ହେବାକୁ ଯାଉଛି। ଏଥିରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ୧୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସେହି ପ୍ରତିଯୋଗୀମାନେ ହେଲେ ହର୍ଷଦ କୁମାର, ଦୀପ୍ତି ନାମଦେବ, ଅଦିତି ପାଣିଗ୍ରାହୀ, ନଳିନୀ ନାୟାର, ଡାନିଏଲ ଜାନି, ରୋହନ ଦୁରିଆ, ତପସ୍ୱିନୀ ନାୟକ, ଶୁଭମ ନାୟକ, ହିମାଂଶୁ ପଣ୍ଡା, ଆରିୟନ ପଟ୍ଟନାୟକ, ଚନ୍ଦନ ପାଙ୍ଗୀ ଓ ଦିବେଶ ବରାଡ଼। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଅନୁଷ୍ଠାନର କୋଚ୍ ସେନ୍‌ସେଇ ରାଜେନ୍ଦ୍ର ସାମଲ, ଉତ୍କଳ କରାଟେ ସ୍କୁଲ ସଭାପତି ମନୋଜ ପଟ୍ଟନାୟକ ଓ ଉପଦେଷ୍ଟା ଭଗବାନ ଦୋରା ପ୍ରତିଯୋଗୀମାନଙ୍କ ସଫଳତା କାମନା କରିଛନ୍ତି ।




ମନୋନୀତ ହୋଇଥିବା ପ୍ରତିଯୋଗୀ।

### ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ

**ଝରିଗାଁ,(ସ୍ୱ.ପ୍ର.)/ରାୟଗଡା ଅଫିସ, ୧୭।୫**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ବାଞ୍ଜିଆମ୍ବ ବିଦ୍ୟାଳୟରେ ମଙ୍ଗଳବାର ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳନ କରାଯାଇଛି। ଦିବସର ଆଭିମୁଖ୍ୟ ନେଇ ଝରିଗାଁ ବ୍ଲକ କୋର କମିଟି ସଦସ୍ୟ ଟିକେଚାନ୍ଦ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡମୁଖ୍ୟ ଅତିଥି, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ , ସମିତି ସଭ୍ୟା ପଦ୍ମା ପାଣ୍ଡେ, ଇଚ୍ଛାପୁର ସରପଞ୍ଚ ଜଗଦିଶ ମାଝି,ରାମ ଭତରା,ଶ୍ୟାମଲାଲ ହଲବା, ଲୁଦୁ ଜାନୀ, ମାଧବ ଭତରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମାଜରେ ଲୋକଙ୍କ ମଧରେ ଖୁସି ଓ ଶାନ୍ତିର ବାତାବରଣ ସୃଷ୍ଟି ସହ ଲୋକଙ୍କ ମଧରେ ଦାନର କଳା ଓ ଦାନର ଶୈଳୀ ପ୍ରବୃତ୍ତିକୁ ଜାଗ୍ରତ କରାଇବା ଏହି ଦିବସର ମୂଳଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ।

ସେହିପରି ରାୟଗଡ଼ାସ୍ଥିତ ଜୁପିଟର ଆନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆର୍ଟ ଅଫ ଗିଭିଂ ଦିବସ ପାଳନ କରାଯାଇଛି। ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଗୋବିନ୍ଦ ପ୍ରସାଦ ରଥ, ବିଦ୍ୟାଳୟ ଉପଦେଷ୍ଟା ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ପଣ୍ଡା ସମ୍ମାନିତଅତିଥିଭାବେ ଉପସ୍ଥିତ ଥିଲେ। ଆର୍ଟ ଅଫ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଜିଲା ଗୋଷ୍ଠୀ ଉନ୍ନୟନ ଉପାଧକ୍ଷ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ରାୟଗଡା ଜିଲାର ବରିଷ୍ଠ ଖବରଦାତା ଅମୂଲ୍ୟ ରତ୍ନ ସାହୁ ପରିଚାଳନା କରିଥିଲେ। କିସ୍ ଅନୁଷ୍ଠାନର ଜିଲା ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

### ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ଜୟପୁର, ୧୭।୫ (ନି.ପ୍ର.)**

କାମ କରିବାକୁ ରାସ୍ତା ଖୋଳିଲେ। ରାସ୍ତା ନିର୍ମାଣ ନେଇ ସରଞ୍ଜାମ ପଡ଼ିଲା। ମାତ୍ର ମାସେ ବିତିଲାଣି କାମ କରିବାକୁ ଭୁଲିଗଲେ। ଏପରି ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କଣାଗାଁ ଘାସିସାହିରେ। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଦାବିପତ୍ର ଦେଇଛନ୍ତି। ଆଗକୁ ବର୍ଷାଦିନ ଆସୁଛି। ତୁରନ୍ତ ୨ ଶହ ମିଟର ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ସାବିତ୍ରୀ ଖଲା, ମୋହନ ସୁବାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

### ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

**ଜୟପୁର, ୧୭।୫ (ନି.ପ୍ର.)**

ନୂଆଦିଲ୍ଲୀ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଅଗ୍ନିସେବା ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଉଛି। କର୍ମଚାରୀମାନେ ସରକାରୀ ଓ କମର୍ସିଆଲ କୋଠାବାଡ଼ି, ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା କୋର୍ଟ, ନେକ୍ସା ଶୋ'ରୁମ୍, ହୋଟେଲ, ହାଲୋ ଜୟପୁର, ଟାଟା ଶୋ'ରୁମ୍ ଆଦି ଯାଞ୍ଚ କରାଯାଇଛି । ସହକାରୀ ଅଗ୍ନିଶମ ଅଧିକାରୀ କୁନୁ ନାୟକଙ୍କ ନେତୃତ୍ୱରେ ଏହି ଯାଞ୍ଚ ଚାଲିଛି। ଯେଉଁ ଅନୁଷ୍ଠାନର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ସେମାନଙ୍କୁ ନୋଟିସ କରାଯିବ ବୋଲି ନାୟକ ସୂଚନା ଦେଇଛନ୍ତି।

### ୩୧ରେ ରେଳରୋକୋ କରିବେ ଅମ୍ବାଦଳାବାସୀ

**ଅମ୍ବାଦଳା, ୧୭।୫(ଡି.ଏନ୍.ଏ.)**

**ଅମ୍ବାଦଳା ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ୍ ରହଣି ଦାବି ପୂରଣ ନ ହେବାରୁ ନିଷ୍ପତ୍ତି**

ଅମ୍ବାଦଳା ଷ୍ଟେଶନରେ ସ୍ୱଳ୍ପ ସଂଖ୍ୟକ ଯାତ୍ରୀବାହୀ ଟ୍ରେନ୍ ରହୁଛି। ସମସ୍ତ ଏକ୍ସପ୍ରେସ୍ ଓ ଯାତ୍ରୀବାହୀ ଟ୍ରେନ୍ ରଖିବାକୁ ବାରମ୍ବାର ଦାବି ହୋଇ ଆସୁଥିଲା। କିନ୍ତୁ ପୂରଣ ହେଲାନି ଦାବି। ତେଣୁ ଆସନ୍ତା ୩୧ ତାରିଖରେ ରେଳରୋକୋ ହେବ ବୋଲି ରାୟଗଡ଼ା ଜିଲା ଅମ୍ବାଦଳାବାସୀ ମଙ୍ଗଳବାର କରିଥିବା ବୈଠକରେ ନିଷ୍ପତ୍ତି ନେଇଛନ୍ତି। କୋଭିଡ୍ କଟକଣା ଯୋଗୁ ୨ବର୍ଷ ହେବ ଅମ୍ବାଦଳା ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ୍ ରହୁନାହିଁ। ଏ ସଂକ୍ରାନ୍ତରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟୁଇଟ୍ କରି ଜଣାଇବା ସହ ରେଳ ବିଭାଗ ମହାପ୍ରବନ୍ଧକ ଓ ଖଣ୍ଡୀୟ ପ୍ରବନ୍ଧକଙ୍କୁ ବାରମ୍ବାର ଅବଗତ କରାଯାଇଥିଲା। କୋଭିଡ୍ କଟକଣା ଉଠିବା ପରେ ଯେଉଁ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ ଏହି ଷ୍ଟେଶନରେ ରହୁଥିଲା ତାହା ପୁଣି ରହିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ତ୍ତମାନ କରୋନା କଟକଣା ଉଠାଇ ଦିଆଯାଇଛି। ହେଲେ ଅମ୍ବାଦଳା ଷ୍ଟେଶନରେ ବିଶାଖାପାଟଣା- ରାୟପୁର ପାସେଞ୍ଜର, ଜୁନାଗଡ଼-ଭୁବନେଶ୍ୱର ଲିଙ୍କ୍ ଏକ୍ସପ୍ରେସ୍, ସମ୍ବଲପୁର-ରାୟଗଡ଼ା ତପସ୍ୱିନୀ ଏକ୍ସପ୍ରେସ ରହୁଛି। ଅନ୍ୟ ଯାତ୍ରୀବାହୀ ଟ୍ରେନ୍ ତଥା ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ୍, ବୋକାରୋ-ଆଲେପି, କୋର୍ବା-ବିଶାଖାପାଟଣା, ରାୟପୁର-ବିଶାଖାପାଟଣା ଲିଙ୍କ୍ ଏକ୍ସପ୍ରେସ୍ ପୂର୍ବରୁ ଏହି ପଥ ଦେଇ ଚଳାଚଳ କରୁଥିଲେ ମଧ ଏବେ ଏଠାରେ ରହୁ ନାହିଁ। ଫଳରେ ଅମ୍ବାଦଳା ଷ୍ଟେଶନ ଉପରେ ନିର୍ଭର କରୁଥିବା ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଫୁଲବାଣୀ ଅଞ୍ଚଳର ଲକ୍ଷାଧିକ ଲୋକ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ବୋଲି ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଠାକୁରାଣୀ ମନ୍ଦିରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି। ଚଳିତ ମାସ ୩୧ ତାରିଖରେ ରେଳରୋକୋ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ପ୍ରସାଦ, ଦେବୀପ୍ରସାଦ ମୁଖାର୍ଜୀ, କଳିଙ୍ଗ ବୈଶ୍ୟ ସଂଘ ସଭାପତି ବି. ସୀମାଞ୍ଚଳ ପାତ୍ର, ସମ୍ପାଦକ ତ୍ରିନାଥ ପାତ୍ର, କନିକା ପରମେଶ୍ୱରୀ ବୈଶ୍ୟ ସଂଘ ସଭାପତି ଜି. ଶ୍ରୀରାମ ମୂର୍ତ୍ତି, ସତ୍ୟସାଇ ସଙ୍ଗଠନ ଆବାହକ ମୋହନ ସାହୁ, ବ୍ରାହ୍ମଣ ସମାଜର ଅକ୍ଷୟ ରଥ, ଗୌଡ଼ ସମାଜ ସଭାପତି ପଦ୍ମନାଭ ଗୌଡ଼, ବଣିକ ସଂଘ ସଭାପତି ଭି.ଫକୀର ରାଜୁ, ଜିଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା, ମୁନିଗୁଡ଼ା ବ୍ଲକ ଉପାଧକ୍ଷ ଆଦର୍ଶ ସୁନା, ବୁଦ୍ଧିଜୀବୀ ଭି. ଭେଙ୍କଟେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ



ବିଧାୟକ ତାରାପ୍ରସାଦ ବାହିନୀପତି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ଦେଉଛନ୍ତି।

**ଜୟପୁର,୧୭।୫(ନି.ପ୍ର.)**

ଜୟପୁର ଟାଉନ ହଲ୍‌ଠାରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୌରାଞ୍ଚଳର ୨୮ ୱାର୍ଡର ହିତାଧିକାରୀମାନେ ଉପସ୍ଥିତ ଥିଲେ।

### କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ



ମୃତଦେହ ରଖି ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

**ନନ୍ଦାହାଣ୍ଡି,୧୭।୫(ଡି.ଏନ୍.ଏ.)**

**ବୋଲେରୋ ଧକ୍କାରେ ତୃତୀୟ ଶ୍ରେଣୀ ଛାତ୍ର ମୃତ**

ସ୍କୁଲ ଯିବାବେଳେ ମଙ୍ଗଳବାର ସକାଳେ ନବରଙ୍ଗପୁର ଥାନା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ଗ୍ରାମର ଯୁଧେଷ୍ଠି ଭତରାଙ୍କ ପୁଅ ହିମାଂଶୁ(୮)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ଗାଡି ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ଓ ଏଏସ୍ଆଇ ଏଚ୍. ମାଝି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଛି। ସୂଚନାନୁଯାୟୀ, ସିନ୍ଧିଗୁଡା ଗ୍ରାମର ହିମାଂଶୁ ଓ ତାଙ୍କ ସାଙ୍ଗ ମହେଶ ଭତରା ସକାଳ ୬ ଟାରେ ଚାଲିଚାଲି ସ୍କୁଲ ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ହିମାଂଶ ରାସ୍ତା ଉପରେ ପଡି ଛଟପଟ ହେଉଥିବା ସତ୍ୱେ ଡ୍ରାଇଭର ଗାଡି ନେଇ ଚମ୍ପଟ ମାରିଥିଲେ। ଖବର ପାଇ ହିମାଂଶୁଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ବାଇକ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କୋରାପୁଟ ସ୍ଥାନାନ୍ତର କରିଥିଲେ। ସେଠାରେ ହିମାଂଶୁଙ୍କ ମୃତ୍ୟୁ ହୋଇଛି। ମହେଶଙ୍କ ଗୋଡରେ ମଧ ଗଭୀର ଆଘାତ ଲାଗିଛି। ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ୨୧୫/୨୨ ରେ ଏକ ମାମଲା ରୁଜୁ କରିଛି।

### 'ଅଭିଯୁକ୍ତଙ୍କୁ ଖସାଇବାକୁ ମିଛ ଏତଲା କରିଛି ପୋଲିସ'

**ନବରଙ୍ଗପୁର, ୧୭।୫ (ବି.ପ୍ର.)**

**ଭାଜପାର ଖବରଦାତା ସମ୍ମିଳନୀ**

- ଯୁବତୀଙ୍କୁ ୧୦ହଜାର ଟଙ୍କାରେ ବିକ୍ରି, ବଳାତ୍କାର ଅଭିଯୋଗ

ନବରଙ୍ଗପୁର ଜିଲାର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ୧୦ ହଜାର ଟଙ୍କାରେ ବିକ୍ରି ପରେ ବଳାତ୍କାର କରାଯାଇଛି। ଏ ଅଭିଯୋଗ ପରେ ପୋଲିସ ପୀଡିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଘଟଣାକୁ କୋହଳ କରିବା ପାଇଁ ଚେଷ୍ଟା କରିଛି ବୋଲି ନବରଙ୍ଗପୁର ଜିଲା ଭାଜପା ମହିଳା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏପ୍ରିଲ ୧ରେ ଖାତିଗୁଡା ଥାନାରେ ପୀଡିତା ଏତଲା ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ଏହାପରେ ସେ ମେ ୧୦ରେ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରକୁ ଖାତିଗୁଡା ଥାନାକୁ ଏସ୍‌ପି ପ୍ରେରଣ କରି ମାମଲା ରୁଜୁ କରିବାକୁ କହିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିନାହିଁ। ବରଂ ବିଜେଡିର ୩ଜଣ ନେତାଙ୍କ ଚାପରେ ପୋଲିସ କହିବା ମୁତାବକ ଏକ ଏତଲା ଲେଖାଯାଇ ତାହାକୁ ଗତ ୧୧ ତାରିଖରେ ମାମଲା ରୁଜୁ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ପୀଡିତାଙ୍କ ଅଶିକ୍ଷାର



ପୀଡ଼ିତା ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ର।



ପୋଲିସ ନିଜଆଡୁ ଲେଖିଥିବା ଏତଲା।

ଫାଇଦା ନେଇ ପୋଲିସ ଘଟଣାଟିକୁ କୋହଳ କରିବାକୁ ଏସ୍‌ପି ନିକଟରେ ଦିଆଯାଇଥିବା ଅଭିଯୋଗପତ୍ର ମୁତାବକ ମାମଲା ରୁଜୁ କଲାନାହିଁ ବୋଲି ଭାଜପାର ଶର୍ମିଷ୍ଠା ଦେଓ ପୀଡ଼ିତାଙ୍କ ଉପସ୍ଥିତିରେ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି । ଯୁବତୀ ଥାନାରେ ଦେଇଥିବା ଅଭିଯୋଗର ୪୧ ଦିନ ପରେ ମାମଲା ରୁଜୁ ହୋଇଛି। ଏଯାଏ ପୀଡିତାଙ୍କ ବୟାନ ରେକର୍ଡ ଓ ଡାକ୍ତରୀମାଇନା କରାଯାଇ ନାହିଁ। ଏସ୍‌ପିଙ୍କ ନିକଟରୁ ଯାଇଥିବା ଅଭିଯୋଗ ପତ୍ର ଅନୁଯାୟୀ ପୋଲିସ ୩ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ମାଝି ଓ ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ମୃତ୍ୟୁଞ୍ଜୟ ମହାରଣା କହିଛନ୍ତି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ହାଡ଼ିଗୁଡା ପଞ୍ଚାୟତ ଲଚ୍ଛୁଗୁଡା ଗ୍ରାମର କାର୍ତ୍ତିକ ଗୌଡ଼ଙ୍କ ସହ ପୀଡିତାଙ୍କ ୩ମାସ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବୁଲିବା ବାହାନାରେ କାର୍ତ୍ତିକ ବସ୍‌ରେ ପୀଡିତାଙ୍କୁ ନବରଙ୍ଗପୁରରୁ ବ୍ରହ୍ମପୁର ନେଇଥିଲେ। ପରଦିନ ସନ୍ଧ୍ୟାରେ ରାୟଗଡ଼ାରେ ପହଞ୍ଚିବା ପରେ କାର୍ତ୍ତିକଙ୍କ ଭାଇ ପୂର୍ଣ୍ଣ ଓ ରାମେଶ୍ୱର ଯୁବତୀଙ୍କୁ ଲାଞ୍ଜିଗୁଡା ନେଇଥିଲେ। ସେଠାରେ କିଛି ଦିନ ରହିବା ପରେ କାର୍ତ୍ତିକଙ୍କ ସମ୍ପର୍କୀୟ ଭାଇ ଶିବ ଓ କାଶୀ ତାଙ୍କୁ ଲଚ୍ଛୁଗୁଡା ଆଣିଥିଲେ। ସେଠାରେ କାର୍ତ୍ତିକ ତାଙ୍କୁ ୧୫ ଦିନ ଧରି ବଳାତ୍କାର କରିଥିଲେ। ପରେ କାର୍ତ୍ତିକଙ୍କ ସମ୍ପର୍କୀୟମାନେ ପୀଡିତାଙ୍କୁ ହାଡିଗୁଡ଼ାର ଅକୁଳ ଗୌଡ଼ଙ୍କୁ ୧୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଅକୁଳ ତାଙ୍କୁ ନିଜ ପାଖରେ ୩ ଦିନ ରଖି ବଳାତ୍କାର କରିଥିଲେ ବୋଲି ପୀଡିତା କହିଛନ୍ତି। ହାଡିଗୁଡ଼ାରେ ଥିବା ପୀଡିତାଙ୍କ ସମ୍ପର୍କୀୟ ତାଙ୍କ ମା' ବାପାଙ୍କୁ ଖବର ଦେଇଥିଲେ। ସେମାନେ ଆସି ହାଡିଗୁଡ଼ାରୁ ପୀଡିତାଙ୍କୁ ଘରକୁ ନେଇ ଯାଇଥିଲେ। ଏହି ସମୟରେ ଅକୁଳ ଫେରାର ହୋଇଯାଇଥିଲେ ବୋଲି ପୀଡିତା ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଏସ୍‌ପି ଏସ୍.ସୁଶ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ।

### ବଜ୍ରପାତରେ ୬ ଗୋରୁ ମୃତ

**ସୁନାବେଡା,୧୭।୫(ସ୍ୱ.ପ୍ର.)**

କୋରାପୁଟ ଜିଲା ସୁନାବେଡା ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଝଡ଼ ତୋଫାନ ସାଙ୍ଗକୁ ପ୍ରବଳ ବର୍ଷା ହୋଇ ଗଛ ଡାଳ ଭାଙ୍ଗି ପଡିଥିଲା। ସୁନାବେଡା ପୌର ପରିଷଦ ଅନ୍ତର୍ଗତ ଶାନ୍ତି ନଗର ପରିଡ଼ା କଲୋନୀରେ ବଜ୍ରପାତରେ ୬ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ ଝଡ଼ ବର୍ଷା ବେଳେ କଲୋନୀ ନିକଟସ୍ଥ ପଡିଆର ଏକ ଗଛ ତଳେ ଗୋରୁଗୁଡିକ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଏହା ପୁରୁଣା ସୁନାବେଡା ଗ୍ରାମର ମହିନୀ ନାୟକଙ୍କ ୫ଟି ଏବଂ ସବିତା ନାୟକଙ୍କ ଗୋଟିଏ ଗୋରୁ ବୋଲି ଜଣାପଡିଛି। ଘଟଣା ସ୍ଥଳରେ ସେମିଳିଗୁଡା ଏଲଆଇ ଏବଂ ସୁନାବେଡା ଆରଆଇ ଉଦୟନାଥ ତନ୍ତି ପହଞ୍ଚି ମୃତ ଗୋରୁଗୁଡିକର ବ୍ୟବଚ୍ଛେଦ କରାଇ ଗୋରୁମାଲିକଙ୍କ ଉପସ୍ଥିତିରେ ଗାତ ଖୋଳି ପୋତି ଦେଇଛନ୍ତି। କ୍ଷତିପୂରଣ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଆରଆଇ ପ୍ରକାଶ କରିଛନ୍ତି।

